भाकृअनुप – राष्ट्रीय चावल अनुसंधान संस्थान

ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

(An ISO 9001: 2015 Certified Institute)

# କୃଷି ସୂଚନା ସେବା (ଧାନ)

## ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ (ରାଜ୍ୟ ତଥା କେନ୍ଦ୍ର ସରକାର) ଦ୍ୱାରା ସୂଚିତ କୋଭିଡ୍-୧୯ ର ସମସ୍ତ ନିୟମାବଳୀ ଓ ସାଧାରଣ ସତର୍କତା ବ୍ୟବସ୍ଥା ଅନୁଯାୟୀ କୃଷି କାର୍ଯ୍ୟ କରିବା ପାଇଁ ପରାମର୍ଶ

## ୨୦୨୨ ମସିହା ମାର୍ଚ୍ଚ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା

### ୧) ରୁଆ ଡାଲୁଅ ଧାନ

### ଏବେ ଏବେ ମୁଖ୍ୟ ଜମିରେ ତଳିରୁଆ ଯାଇଥିଲେ

❖ ରୁଆ ଧାନରେ ବାଲୁଙ୍ଗା ଦମନ ପାଇଁ ବେନ୍‌ସଲଫ୍ୟୁରାନ ମିଥାଇଲ୍ ସହିତ ପ୍ରେଟିଲାକ୍ଲୋର (ଲୋଣ୍ଡାକ୍ସ ପାଓ୍ୱାର / ଇରେଜ୍‌ଷ୍ଟ୍ରଙ୍ଗ୍) ପ୍ରତି ଏକର ପିଛା ୪ କି.ଗ୍ରା. ହିସାବରେ ରୋଇବାର ୫-୮ ଦିନ ପରେ ପ୍ରୟୋଗ କରନ୍ତୁ । ଏହା ଦାନାଦାର ହୋଇଥିବାରୁ ଏହାସହିତ ପ୍ରତି ଏକର ପିଛା ୪ କି.ଗ୍ରା. ବାଲି ମିଶାଇ ବିଲରେ ସମାନ କରି ପ୍ରୟୋଗ କରନ୍ତୁ କିମ୍ବା ଧାନ ରୋଇବାର ୩ ରୁ ୫ ଦିନ ପରେ ପାଇରାଜୋସଲଫ୍ୟୁରାନ୍-ଇଥାଇଲ ୧୦ ଡବ୍ଲ୍ୟୁ.ପି. (ସାଥି) ଏକର ପିଛା ୮୦ ଗ୍ରାମ୍ ପ୍ରୟୋଗ କରନ୍ତୁ ନତୁବା ବିସ୍‌ପାଇରିବାକ୍ ସୋଡିୟମ୍ (ନୋମିନିଗୋଲ୍ଡ) ୧୨୦ ମି.ଲି. ୧୪୦ ଲିଟର ପାଣିରେ ମିଶାଇ ଧାନ ରୋଇବାର ୧୦ ରୁ ୧୫ ଦିନ ପରେ ଅର୍ଥାତ୍ ଘାସ ୨ ରୁ ୩ ପତ୍ର ହୋଇଥିବା ଅବସ୍ଥାରେ ସିଂଚନ କରନ୍ତୁ ।

❖ କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ଏକର ପ୍ରତି ୩ ଗୋଟି ଯୌନ ସମେଦନଶୀଳ ଯନ୍ତା (ଫେରୋମନ୍ ଟ୍ରାପ୍) ରଖନ୍ତୁ । ଯେତେବେଳେ ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ପୁରୁଷ ପ୍ରଜାପତି ପଡିବେ, ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୪% ଜି.ଆର୍ ୪ କେ.ଜି କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା. ସମାନ ପରିମାଣର ଶୁଖିଲା ବାଲିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

❖ ଯଦି ବକାନି ରୋଗ ଦେଖାଯାଏ ତେବେ ୧ ଲିଟର ପାଣିରେ ୧ ଗ୍ରା. କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ମିଶାଇ ସିଂଚନ କରନ୍ତୁଏବଂ ୭ ରୁ ୧୦ ଦିନ ବ୍ୟବଧାନରେ ଦ୍ୱିତୀୟବାର ପ୍ରୟୋଗ କରନ୍ତୁ ।

### ମୁଖ୍ୟ ଜମିରେ ତଳି ଚେର ଧରି ମଜବୁତ ହୋଇ ସାରିଥିଲେ

❖ ସକ୍ରିୟ ପିଲ ଅବସ୍ଥାରେ (ତଳିରୁଆର ୨୦ ରୁ ୨୫ ଦିନ ପରେ) ଏକର ପ୍ରତି ୩୫କି.ଗ୍ରା. ୟୁରିଆ ପ୍ରଥମ ଶୀର୍ଷସାର ଭାବରେ ପ୍ରୟୋଗ କରନ୍ତୁ ।

❖ ଚାଷୀ ଯଦି ପୂର୍ବରୁ କୌଣସି ଘାସ ନିୟନ୍ତ୍ରଣ ଔଷଧ ବ୍ୟବହାରକରି ନାହାନ୍ତି ତେବେ ପେନୋକ୍ସୁଲମ୍ ୧.୦୨% + ସାଇହାଲୋଫୋପ୍-ବ୍ୟୁଟାଇଲ୍ ୫.୧%( ଭିଭାୟା) ୮୦୦ ମି.ଲି. ପ୍ରତିଏକର ହିସାବରେ

ରୋଇବାର ୧୫ ରୁ ୨୦ ଦିନ ପରେ ସିଂଚନ କରନ୍ତୁ କିମ୍ବା ୨୦ ରୁ ୨୫ ଦିନ ପରେ ହାତରେ ଘାସବାଛି ଦିଅନ୍ତୁ ।

- ❖ କାଣ୍ଡବିନ୍ଧାପୋକର ନିରୀକ୍ଷଣ ଜାରି ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ଏକର ପିଛା କ୍ଲୋରାନ୍ଟ୍ରାନିଲିପ୍ରୋଲ୍ ୪% ଜି.ଆର୍ ୪ କି.ଗ୍ରା.କୁ ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସ୍.ସି ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ଏକର ପିଛା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା ବ୍ୟବହାର କରନ୍ତୁ ।
- ❖ ଯଦି ମହିଷାରୋଗ ଦେଖାଯାଏ, ତେବେ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ୨୦୦ ଗ୍ରାମ୍ କିମ୍ବା ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% + ଟେବୁକୋନାଜୋଲ ୫୦% ୮୦ ଗ୍ରାମ୍ କିମ୍ବା ଏଡିଫେନ୍‌ଫସ୍ ୫୦ ଇ.ସି. ୨୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏକର ପ୍ରତି ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୋଇଥାଏ ।

**୨. କାଦୁଅ ବୁଣା ଡାଲୁଅ ଧାନ**

- ❖ କାଣ୍ଡବିନ୍ଧା ପୋକ ନିରୀକ୍ଷଣ ପାଇଁ ଏକର ପିଛା ୩ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ନିମ୍ବମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫%କୁ ୮୦୦ ମି.ଲି. କିମ୍ବା ଏକର ପିଛା କ୍ଲୋରାନ୍ଟ୍ରାନିଲିପ୍ରୋଲ୍ ୪% ଜି.ଆର୍. ୪ କି.ଗ୍ରା. କୁ ୧:୧ ବା ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ❖ ଘାସ ନିୟନ୍ତ୍ରଣ ପାଇଁ ଧାନ ବୁଣିବାର ୧୦ ରୁ ୧୨ ଦିନ ପରେ ଅର୍ଥାତ୍ ୨ ରୁ ୩ ପତ୍ରବିଶିଷ୍ଟ ଘାସ ନିୟନ୍ତ୍ରଣ କରିବା ପାଇଁ ବିସ୍‌ପାଇରିବାକ୍ ସୋଡିୟମ୍ (ନୋମିନିଗୋଲ୍ଡ) ୧୨୦ ମି.ଲି. କିମ୍ବା ଧାନ ବୁଣିବାର ୧୫ ରୁ ୨୦ ଦିନ ପରେ ଏକର ପ୍ରତି ୮୦୦ ମି.ଲି. ପେନୋକ୍ସୁଲମ୍ ୧.୦୨% + ସାଇହାଲୋଫପ୍ – ବ୍ୟୁଟାଇଲ ୫.୧% ୧୪୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ❖ ଯଦି ମହିଷାରୋଗ ଦେଖାଯାଏ, ତେବେ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ୨୦୦ ଗ୍ରାମ୍ କିମ୍ବା ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% + ଟେବୁକୋନାଜୋଲ ୫୦% ୮୦ ଗ୍ରାମ୍ କିମ୍ବା ଏଡିଫେନ୍‌ଫସ୍ ୫୦ ଇ.ସି. ୨୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏକର ପ୍ରତି ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୋଇଥାଏ ।
- ❖ ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।

*****